# Akashvani, Sambalpur

## SAMBALPURI NEWS EVENING BULLETIN

**10 May 2024- 7.02 pm- 7.12 pm.**

*******************************************

୧- ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କିଛି ସମିଆ ଉତ୍‌ରୁ ଓଡ଼ିଶା ନ ପୁହୁଁଚିବେ ।

- ଭୁବ୍‌ନେଶ୍ୱର୍ ନ କର୍‌ବେ ରୋଡ୍ ସୋ ।

୨- ପବିତ୍ର ଅକ୍ଷି ତୃତୀୟା ଥି ଶ୍ରୀକ୍ଷେତ୍ର ପୁରୀ ନ ଅନୁକୂଳ ହେଲା ମାହାପୁରୁମାନ୍‌କର୍ ରଥ ତିଆରି କାମ୍ ।

- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କରାଗଲା ଅକ୍ଷିମୁଠି ଅନୁକୂଳ ।

- ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଉଠ୍‌ଲା ଥାଲ୍ ।

୩- ଓଡ଼ିଶା ହାଇକୋର୍ଟ ସହେତେ ଭିନ୍ ଭିନ୍ ଅଦାଲତ୍ ନ ଆଏବା କାଏଲ୍ ହେବା ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ।

ଆଉର୍

୪- ରାଏଜେ ଆଏବା ୫ ଦିନ୍‌ତକ୍ ନାଇଁ ବଦ୍‌ଲେ ପାଗ୍ - କେତେଟା ଜାଗା ନ ବର୍ଷାର୍ ସମ୍ଭାବନା ।

## ପ୍ରଧାନ୍‌ମନ୍ତ୍ରୀଙ୍କ ଗସ୍ତ                ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପିର୍ ବରିଷ୍ଠ୍ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କିଛି ସମିଆ ଉତ୍‌ରୁ ଓଡ଼ିଶା ନ ପୁହୁଁଚିବେ । ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ପ୍ରଧାନ୍‌ମନ୍ତ୍ରୀ ଆଏଜ୍ ଭୁବ୍‌ନେଶ୍ୱର୍ ନ ଗୁଟେ ରୋଡ୍ ସୋଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଶ୍ରୀ ମୋଦୀଙ୍କର୍ ରୋଡ୍ ସୋ ମାଷ୍ଟର୍ କେଂଟିନ୍ ଛକ୍‌ନୁ ବାହାରିକରି ବାଣୀବିହାର୍‌ତକ୍ ଯିବା । ଇଥିର୍‌ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ୫୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ବ୍ୟବସ୍ଥା କରାଯାଇଛେ । ଇତାର୍‌ସହେତେ ୩ ଶହ ୫୦ ଝନ୍ ପୁଲିସ୍ ଅଧିକାରୀ ମୁତୟନ ହେଇଛନ୍ । ରୋଡ୍ ସୋ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ନ ରାତି ରହେବେ ।

ସେନ୍ତା ଆଏବା କାଏଲ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସଖାଲର୍ ୯ ବଜେ ଫୁଲ୍‌ବାଣୀ ଷ୍ଟାଡ଼ିୟମ୍ ନ ଗୁଟେ ନିର୍ବାଚନୀ ସଭାଥି ଯୋଗ୍ ଦେବେ । ଇତାର୍ ଉତ୍‌ରୁ ଦିନର୍ ୧୧ ବଜେ ବଲାଙ୍ଗିର୍ ପଥର୍‌ଚେପା ପଡ଼ିଆ ନ ଆର୍ ଦିନର୍ ୧୨ ବଜେ ବର୍‌ଗଡ୍‌ର ବିକାଶ୍ ଭିନ୍‌ଟେଜ୍ ଠାନେ ନିର୍ବାଚନୀ ସଭାଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଥିବାର୍ ସୂଚ୍‌ନା ମିଲିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଇ ସବୁ ଜାଗା ମାନ୍‌କେ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷ୍‌ନା କରାଯାଇଛେ ।

## ପୁରୀ - ରଥ ତିଆରି ଅନୁକୂଳ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ପବିତ୍ର ଅଖୃତୃତୀୟା ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ରଥ ତିଆରି କାମ୍‌ର ଅନୁକୂଳ ହେଇଛେ । ସେବାୟତମାନେ ବେଲ୍‌ବୁଢ଼େ ମାହାପୁରୁମାନ୍‌କର୍ ଆଜ୍ଞାମାଳ ଧରିକରି ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ଆଗାଢ଼େ ଥିବା ୩ ଖଁଡ୍ ଧଉରାକାଠ୍‌କେ ପୂଜାଅର୍ଚ୍ଚନା କରିଛନ୍ । ପୂଜାପଣ୍ଡା ସେବକମାନେ ଆଜ୍ଞାମାଳ ନେଇକରି ଯିବାର୍ ବେଲେ ମଣିବିମାନ୍‌ଥି ମଦନ୍ ମୋହନ୍, ଶ୍ରୀଦେବୀ, ଭୂଦେବୀ ଆର୍ ପାଲିଙ୍କିଥି ରାମ ଆଉ କୃଷ୍ଣ ବିଜେ କରିଛନ୍ ।

ସେଆଢ଼େ ରଥ ତିଆରି ଲାଗି ଶ୍ରୀନଅର ଆଗାଢ଼େ ଛାମୁଡ଼ିଆ ପକାଯାଇକରି ରଥଖଳା ତିଆରି ସରିଛେ । ବିଧି ଅନ୍‌ସାରେ ୧୨ ଫୁଟିଆ ୩ ଖଁଡ୍ ଧଉରାକାଠ୍‌କେ ଆଏଜ୍ ସ୍ନାନ କରାଯାଇଛେ । ଦେଉଳ ପୁରୋହିତଙ୍କର୍ ସହେତେ ସୋତ୍ରିୟ ବ୍ରାହ୍ମଣ ମାନେ ରଥ ଅନୁକୂଳର ହୋମ କରୁଛନ୍ । ଇ ଅବ୍‌ସରେ ରଥ ତିଆରି କାମ୍‌ଥି ନିୟୋଜିତ ହେବାର୍‌କେ ଥିବାର୍ ବିଶ୍ୱକର୍ମା ଆର୍ ଅଲ୍‌ଗା ସେବକ୍‌ମାନ୍‌କର୍ ଶାଢ଼ୀ ବନ୍ଧା ପର୍ବ ହେବା । ସେନ୍ତା ପୁରୀ ନ ଆଏଜ୍ ଠାନୁ ୨୧ ଦିନିଆ ଚନ୍ଦନଯାତ୍ରା ମୁଲ୍ ହେଉଛେ । ଚନ୍ଦନ୍ ଯାତ୍ରା ଲାଗି ମହାପ୍ରଭୁଙ୍କର୍ ଚଳନ୍ତି ପ୍ରତିମା ମଦନ୍ ମୋହନ, ଭୂଦେବୀ, ଶ୍ରୀଦେବୀ ଆର୍ ଶ୍ରୀକ୍ଷେତ୍ରର ପଂଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀ ନ ଚାପ ଖେଲ୍‌ବେ ।

ଶୀତଲଷଷ୍ଠୀ		ସମ୍ବଲପୁର୍ ସମ୍ବାଦଦାତା

ପବିତ୍ର ଅଖିତୃତୀୟା ତିଥିଥି ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଥାଲ୍‌ଉଠା ଆଏଜ୍ ହେଇଯାଇଛେ । ସହରର୍ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବା ଆର୍ ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବଙ୍କର୍ ଥାଲ୍‌ଉଠା ରୀତିନୀତି ଅନ୍‌ସାରେ ହେଇଯାଇଥିବାର୍ ବେଲେ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ମନ୍ଦିର୍ ସହେତେ ଅଲ୍‌ଗା ଶିବମନ୍ଦିର୍ ମାନ୍‌କେ ଭିଲ୍ ଥାଲ୍‌ଉଠା ହଉଛେ । ଇ ଅବ୍‌ସରେ ଇ ବଛରର୍ କନ୍ୟାପିତା ମାତା, ସ୍ଥାନୀୟ ବୁଦ୍ଧିଜୀବୀ , ମନ୍ଦିର ଆଉ ଯାତ୍ରା କମିଟିର କର୍ମକର୍ତା ଥାଇକରି ଥାଲ୍‌ଉଠାଯାଇଥିଲା । ଆଉ ଯାତ୍ରା ଲାଗି ଚାନ୍ଦା ସଂଗ୍ରହ ଆରମ୍ଭ ହେଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ମାସ ୧୦ ତାରିଖ୍ ଦିନ ଶିବବିବାହ ଆଉ ୧୧ ତାରିଖ୍ ରାତି ଥି ଦେବଦମ୍ପତିଙ୍କର୍ ବିବାହ ଶୋଭାଯାତ୍ରା ବାହାର୍‌ବା ।

ଅଖି ତୃତୀୟା		ଆର୍‌ଏନ୍‌ୟୁ/ କଟକ୍/ ସୁବର୍ଣ୍ଣପୁର୍/ ବୌଦ୍ଧ

ଆଏଜ୍ ପବିତ୍ର ଅଖିତୃତୀୟା । ବୈଶାଖ ମାସ ଉଜଲ୍‌ପଖର୍ ତୃତୀୟା ତିଥିକେ ଶୁଭ୍ ଦିନ୍ ଭାବେ ଗଣନା କରାଯାଇକରି ଭିନ୍ ଭିନ୍ ଶୁଭକାମ୍‌ର ମୁଲ୍ କରାଯାଇଥିସି । ଇ କୃଷି ଭିତିକ ପର୍ବଥି

ଚାଷୀମାନେ ଅଖିମୁଠି ଛୁଇଁଛନ୍ । ଅଖି ତୃତୀୟା ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଓଡ଼ିଶା ଆଉ ଓଡ଼ିଆ ସଂସ୍କୃତି ଲାଗି ଅଖିତୃତୀୟା ଗୁଟେ ଖାସ୍ ଦିନ୍ । ଇ ଦିନ ଅଖିମୁଠି ଛୁଇଁବାର୍ ସହେତେ ଚାଷୀମାନେ ବିହନ୍ ବୁନ୍ବାର୍ ମୁଲ୍ କରିଥିସନ୍ । ଇ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରଥଯାତ୍ରା ଲାଗି ରଥ ତିଆରି ମୁଲ୍ ହେଇଥିସି ବଲି ପ୍ରଧାନ୍ମନ୍ତ୍ରୀ ସାମାଜିକ୍ ଗଣାମଧ୍ୟମ୍ଥି କହିଛନ୍ ।

ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟବାସୀଙ୍କୁ ଅକ୍ଷୟ ବୈଭବ ଆଉ ସମୃଦ୍ଧିର୍ ପର୍ବ ଅକ୍ଷୟ ତୃତୀୟାର୍ ଶୁଭେଚ୍ଛା ଜନାବାର୍ ସହେତେ ମା ଲକ୍ଷ୍ମୀ ସମସ୍ତଙ୍କୁ ସୁଖ , ସୌଭାଗ୍ୟ ଆଉ ସମୃଦ୍ଧି ଦଉନ୍ ବଲି କାମନା କରିଛନ୍ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ରାଜ୍ୟବାସୀଙ୍କୁ ଅଖିତୃତୀୟା ଅବ୍ସରେ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଆଶୀର୍ବାଦ୍ନୁ ଚାଷୀ ଭାଇମାନ୍କର୍ ଅଖିମୁଠି ଅନୁକୁଲ ଶୁଭଙ୍କର୍ ହେଉ ବଲି ସେ ତାଙ୍କର୍ ବାର୍ତାଥି କହିଛନ୍ । ଇ ବଛର୍ ଭଲ୍ ଫସଲ୍ ସମସ୍ତଙ୍କର୍ ଜୀବନ୍ଥି ସୁଖ ସମୃଦ୍ଧି ଆନିଦଉ ବଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ ।

ପବିତ୍ର ଅକ୍ଷୟ ତୃତୀୟା ଅବ୍ସରେ କେନ୍ଦ୍ରମନ୍ତ୍ରୀ ଆଉ ସମ୍ବଲପୁର୍ ଲୋକସଭା ଆସନ୍ର ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ୍ ହୀରାକୁଦ୍ ପାଖର୍ ସାଁପ୍ଲହରା ଗାଁ ନ ଜମିଥି ଧାନ୍

ବୁନିକରି ଅଖିମୁଠି ଛୁଇଁଛନ୍ । ସେନ୍ତା ସମ୍ବଲ୍‌ପୁର୍ ଲୋକ୍‌ସଭା ଆସନ୍‌ର ବିଜେଡ଼ି ପ୍ରାର୍ଥୀ ପ୍ରଣବ୍ ପ୍ରକାଶ୍ ଦାସ୍ ଭିଲ୍ ରେଙ୍ଗାଲି ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀର ଢର୍‌ରୋପାଏନ୍ ଗାଁ ନ ଅଖିମୁଠି ଛୁଇଁଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା କୃଷି ବିଜ୍ଞାନ୍ କେନ୍ଦ୍ର ପରିସର୍ ନ ଜିଲ୍ଲାସ୍ତରୀୟ କୃଷକ୍ ଦିବସ୍ ଅବ୍‌ସରେ ଅତିରିକ୍ତ ଜିଲ୍ଲାପାଳ୍ ମୁଠି ଅନୁକୂଲ କରିଛନ୍ । ବୌଦ୍ଧ ଜିଲ୍ଲା ପାଲ୍‌ଝର୍ ଠାନେ ଥିବା କୃଷିବିଜ୍ଞାନ୍ କେନ୍ଦ୍ର ନ ଜିଲ୍ଲାସ୍ତରୀୟ ଅକ୍ଷୟତୃତୀୟ ଆର୍ କୃଷକ୍ ଦିବସ୍ ପାଲିତ୍ ହେଇଯାଇଛେ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍        ଆର୍‌ଏନ୍‌ୟୁ/ କଟକ୍

ଇ ବଛ୍‌ରର୍ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ଆଏବା କାଏଲ୍ ହେବା । ଓଡ଼ିଶା ହାଇକୋର୍ଟ ସହେତେ ରାଏଜେ ଥିବା ଭିନ୍ ଭିନ୍ ଅଦାଲତ୍ ମାନ୍‌କେ ଆପୋଷ ବୁଝାମଣା ଜରିଏ ମାମ୍‌ଲାମାନ୍‌କର୍ ସମାଧାନ୍ କରାଯିବା । କଟକ୍ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଓଡ଼ିଶା ହାଇକୋର୍ଟ ସହେତେ ଭିନ୍ ଭିନ୍ ଅଦାଲତ୍ ମାନ୍‌କେ ଆଏବା କାଏଲ୍ ପାଖାପାଖି ଦେଢ଼୍ ଲାଖ୍ ନୁ ଅଏତ୍‌କା ମାମ୍‌ଲା ଲୋକ୍ ଅଦାଲତ୍‌ଥି ଶୁଣାଣି ଲାଗି ତାଲିକାଭୁକ୍ତ କରାଯାଇଛେ । ସବୁ ଅଦାଲତ୍ ନ ମାମ୍‌ଲାମାନ୍‌କର୍ ସିଧାସଲଖ୍ ଶୁଣାଣି କରାଯିବା ।

ହାଇକୋର୍ଟ ନ ୭ ଝନ୍ ବିଚାର୍‌ପତି ଭିନ୍ ଭିନ୍ ମାମ୍‌ଲାର୍ ଶୁଣାଣି କର୍‌ବେ ।

ସ୍ୱତନ୍ତ୍ର ଟ୍ରେନ୍ ପ୍ରେସ୍ ରିଲିଜ୍

ପୂର୍ବତଟ ରେଲ୍‌ପଥ ତର୍‌ଫୁ ଯାତ୍ରୀମାନ୍‌କର୍ ସୁବିଧାକେ ନଜର୍‌ଥି ରଖିକରି ଖରାଦିନିଆ ସ୍ୱତନ୍ତ୍ର ଟ୍ରେନ୍ ଛଡ଼ା ଆହୁରି ଅଏତ୍‌କା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କର୍‌ବାର୍ ଲାଗି ଯୋଜ୍‌ନା କରାଯାଇଛେ । ଗଲା ୮ ତାରିଖ୍‌ନୁ ଚଲାଚଲ୍ ମୁଲ୍ କରିଥିବା ଭୁବ୍‌ନେଶ୍ୱର୍- ମୁମ୍ବାଇ ଏଲ୍‌ଟିଟି ଫି’ ବୁଧ୍‌ବାର୍ ଦିନ ଆଏବା ୨୬ ଜୁନ୍ ତକ୍ ଚାଲ୍‌ବା । ସେନ୍ତା ବ୍ରହ୍ମପୁର୍- ସିକନ୍ଦରାବାଦ୍ ସ୍ୱତନ୍ତ୍ର ଟ୍ରେନ୍ ବ୍ରହ୍ମପୁର୍ ନୁ ଆଏବା ୧୨ ଆର୍ ୧୫ ତାରିଖ୍ ଆର୍ ସିକନ୍ଦରାବାଦ୍‌ନୁ ଆଏବା ୧୧ ଆର୍ ୧୪ ତାରିଖ୍ ଦିନ ଚାଲ୍‌ବା ।  ଚେନ୍ନାଇ ଏଗ୍‌ମୋର୍-ସମ୍ବଲ୍‌ପୁର୍ ସ୍ୱତନ୍ତ୍ର ଟ୍ରେନ୍ ଇ ମାସର୍ ୧୮ ଆଉ ଆଏବା ମାସର୍ ୭ ତାରିଖ୍‌ଥି ଚେନ୍ନାଇର ଏଗ୍‌ମୋର୍‌ନୁ ବାହାର୍‌ବା । ଇ ଟ୍ରେନ୍ ଇ ମାସର୍ ୧୯ ତାରିଖ୍ ଆଉ ଜୁନ୍ ୮ ତାରିଖ୍ ଦିନ ସମ୍ବଲ୍‌ପୁର୍‌ନୁ ଚେନ୍ନାଇ ଏଗ୍‌ମୋର୍‌କେ ଯିବା ।  ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କର୍‌ବାର୍ ଛଡ଼ା ପୂର୍ବତଟ ରେଲ୍‌ପଥର ଚାହିଦା ଥିବା ଲୋକପ୍ରିୟ ଟ୍ରେନ୍ ମାନ୍‌କେ ଅଏତ୍‌କା କୋଚ୍ ଲଗାଯିବା ବଲି ସୂଚ୍‌ନା ମିଲିଛେ ।

ରାଜ୍ୟ ୪ ନମ୍ବର୍ ଖେପ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୪ ନମ୍ବର୍ ଆର୍ ଦେଶେ ୭ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବା ମାସ ୧ ତାରିଖ୍ ଦିନ ଭୋଟ୍ ହେବା । ଇଥିର୍‌ଲାଗି ପ୍ରାର୍ଥୀପତ୍ର ଦାଖଲ୍ ପ୍ରକ୍ରିୟା ଜାରି ରହିଛେ । ଇ ଖେପେ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ସଂସଦୀୟ କ୍ଷେତ୍ର ଆଉ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଆଏବା ୧୪ ତାରିଖ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ତାରିଖ୍ ରହିଥିବାର୍ ବେଲେ ୧୫ ତାରିଖ୍ ଦିନ  ନାମାଙ୍କନ ପତ୍ର ଯାଂଚ୍ ଆଉ ୧୭ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ ଲାଗି ଶେଷ୍ ଦିନ୍ ରହିଛେ ।

ପ୍ରବେଶ୍‌କାଳୀନ ତାଲିମ୍ ଆର୍‌ଏନ୍‌ୟୁ/ କଟକ୍

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଠାନେ ଓଡ଼ିଶା ଶିକ୍ଷା ସେବା ଅଧିକାରୀମାନ୍‌କର୍ ପ୍ରବେଶ୍‌କାଳୀନ ତାଲିମ୍ କାର୍ଯ୍ୟକ୍ରମ୍ ଉଦ୍‌ଯାପିତ୍ ହେଇଯାଇଛେ । ଶିକ୍ଷା ସେବା ଅଧିକାରୀମାନେ ଭିନ୍ ଭିନ୍ କ୍ଷେତ୍ର ନ ପହେଲା ନିଜର୍ କର୍ତବ୍ୟ ବିଷେ ଜାନ୍‌ବାର୍‌କେ ବିଭାଗୀୟ କମିଶନର୍ ଆର୍ ଶାସନ୍ ସଚିବ ଅଶ୍ୱଥି ଏସ୍. ଆହ୍ୱାନ୍ ଦେଇଛନ୍ । ତାଲିମ୍ ନେଇଥିବା ଅଧିକାରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍

ଶିକ୍ଷଣ ଉପ୍‌ରେ ପରୀକ୍ଷା କରାଯାଇକରି କୃତି ସେବା ଅଧିକାରୀମାନ୍‌କୁ ମାନପତ୍ର, ଫଳକ ଆଉ ଟ୍ରଫି ଦେଇକରି ଉତ୍ସାହିତ୍ କରାଯାଇଥିଲା ।

ରତ୍ନଭଣ୍ଡାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରଥଯାତ୍ରା ବେଲେ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ଦରବ୍ ଆର୍ ଅଲଙ୍କାର୍ ଗନ୍‌ତି କରାଯିବା ବଲି ରତ୍ନଭଣ୍ଡାର୍ ତାଲିକା ପ୍ରସ୍ତୁତି ତଦାରଖ୍ କମିଟି ନିଷ୍ପତି ନେଇଛେ । ରଥଯାତ୍ରା ବେଲେ ଶ୍ରୀମନ୍ଦିର୍‌କେ ଭକ୍ତମାନେ ନାଇଁ ଆସୁଥିବାର୍‌ନୁ ଇ ସମିଆଥି ରତ୍ନଭଣ୍ଡାର୍‌ର ଦରବ୍ ଆର୍ ଅଲଙ୍କାର୍ ଗନ୍‌ତି କର୍‌ବାର୍ ଠିକ୍ ସମିଆ ଆଏ ବଲି କମିଟି ତର୍‌ଫୁ କୁହାଯାଇଛେ । ଇତାର୍‌ସହେତେ ଗନ୍‌ତି ପ୍ରକ୍ରିୟାଥି ନୂଆଁ ଜ୍ଞାନ୍ କୌଶଲ୍‌କେ ବେଭାର୍ କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା । କମିଟିର୍ ଅଧ୍ୟକ୍ଷ ଆର୍ ସୁପ୍ରିମ୍‌କୋର୍ଟର ଆଘର୍ ବିଚାର୍‌ପତି ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରତ୍ନଭଣ୍ଡାର୍ ତାଲିକା ପ୍ରସ୍ତୁତି ତଦାରଖ୍ କମିଟିର୍ ୨ ନମ୍ବର୍ ବୈଠକ୍ ଗଲାକାଏଲ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ହେଇଯାଇଛେ । ବୈଠକ୍‌ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ସଦସ୍ୟ ଆର୍ ଏଏସ୍‌ଆଇ ଅଧିକାରୀ ମାନେ ଉପସ୍ଥିତ୍ ଥିଲେ ।

ଆଇସିସି ଆର୍‌ଏନ୍‌ୟୁ / ସମ୍ବଲପୁର

ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଛାତ୍ରୀ ଆଉ କାର୍ଯ୍ୟରତ ମହିଳାମାନ୍‌କର ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍‌କେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନେ ନିଜର୍ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି - ଆଇସିସି ଗଠନ୍ କର୍‌ବେ । ଇତାର୍‌ସହେତେ ମହିଳାମାନ୍‌କର୍ ଲାଗି ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କେ ସ୍ୱତନ୍ତ୍ର ମହିଳା ସେଲ୍ ଗଠନ୍ କରାଯିବା ବଲି କୁହାଯାଇଛେ ।। ଇ ବାବ୍‌ଦେ ଉଚ୍ଚଶିକ୍ଷାନୁଷ୍ଠାନ୍ ତର୍‌ଫୁ କେମ୍ପସ୍ ମାନ୍‌କେ ପିଲାମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ବେନର୍ ଆର୍ ପୋଷ୍ଟର୍ ଲଗାଯିବା । ନୋଟିସ୍ ବୋର୍ଡ଼୍‌ଥି ଆଭ୍ୟନ୍ତରିଣ ଅଭିଯୋଗ କମିଟିର୍ ସଦସ୍ୟମାନ୍‌କର୍ ଯୋଗାଯୋଗ ନମ୍ବର୍ ଆର୍ ସୂଚ୍‌ନା ରହେବା । ୟୁଜିସି ତର୍‌ଫୁ ଜାରି ହେଇଥିବା ସବୁ ମାର୍ଗଦର୍ଶିକାକେ ପୋର୍ଟାଲ୍‌ଥି ଅପ୍‌ଲୋଡ଼୍ କରାଯିବା ।

୧୦, ୧୨ କ୍ଲାସ୍ ପରୀକ୍ଷାଫଳ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼୍-ସିବିଏସ୍‌ଇ ପରିଚାଳିତ୍ ୧୦ ଆଉ ୧୨ କ୍ଲାସ୍ ପରୀକ୍ଷାଫଲ୍ ଆଏବା ୨୦ ତାରିଖ୍ ଉତାରୁ

ବାହାର୍‌ବା । ଇ ବାବ୍‌ଦେ ବୋର୍ଡ଼ ତର୍‌ଫୁ ୱେବ୍‌ସାଇଟ୍‌ଥି ସୂଚ୍‌ନା ଦିଆଯାଇଛେ । ସେଆଡ଼େ ଇ ବଛର୍ ମେରିଟ୍ ଲିଷ୍ଟ ନାଇଁ ବାହାରେ ।  ଦେଶର୍ ମୋଟ୍ ୩୯ ଲାଖ୍ ଛାତ୍ରଛାତ୍ରୀ ୧୦ ଆଉ ୧୨ କ୍ଲାସ୍ ପରୀକ୍ଷା ଦେଇଛନ୍ ।

ପାଣିପାଗ        ହିନ୍ଦୁସ୍ଥାନ୍ ସମାଚାର୍

ରାଏଜେ ଆଏବା ୫ ଦିନ୍‌ତକ୍ ପାଗ୍ ବଦ୍‌ଲିବାର୍ ସମ୍ଭାବନା ନାଇଁନ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ହେଲେ ଆଏବା ୫ ଦିନ୍‌ତକ୍ କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ ବଲି ବିଭାଗ୍ ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଆଏବା ୨୪ ଘଂଟାଥି କେନ୍ଦୁଝର୍, ବାଲେଶ୍ୱର୍, ମୟୁର୍‌ଭଞ୍ଜ , କେନ୍ଦ୍ରାପଡ଼ା ଆର୍ ଭଦ୍ରକ୍‌ର ଗୁଟେ ଜୁଡ଼େ ଜାଗା ନ ବର୍ଷା ହେଇପାରେ । ଇତାର୍‌ସହେତେ ଉତର୍ ଆଉ ଦକ୍ଷିଣ୍ ଉପକୂଲ୍‌ର କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ୩୦ ନୁ ୪୦ କିଲୋମିଟର୍ ବେଗଥି ପବନ୍ ବୁହିବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ ।